REGIONAL NEWS UNIT, AIR CUTTACK

Mid-day Bulletin (2.32PM)

10 November – 2026

****

ମୁଖ୍ୟ ସମ୍ବାଦ

- ମଧୁବାବୁ ପେନସନ୍ ଯୋଜନାରେ ବାଲେଶ୍ୱରଠାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

– ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ–ୟୁ.ପି.ଏମ୍.ପି.ର କଲେ ଉଦ୍‌ଘାଟନ

- ଭୁବନେଶ୍ୱରଠାରେ ପଞ୍ଚମ ମାଣ୍ଡିଆ ଦିବସର ଶୁଭାରମ୍ଭ କଲେ ରାଜ୍ୟପାଳ

- ସମାଜରେ ଶାନ୍ତି ଓ ବିକାଶ ପାଇଁ ବିଜ୍ଞାନର ଉପଯୋଗିତା ପ୍ରତି ସଚେତନତା ସୃଷ୍ଟି ଲକ୍ଷ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ବିଜ୍ଞାନ ଦିବସ

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ଶୁକ୍ରବାର ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା

Desk

ମଧୁବାବୁ ପେନସନ୍ ଯୋଜନା

ରାଜ୍ୟର ଜନସାଧାରଣଙ୍କ ସାମାଜିକ ସୁରକ୍ଷା, ସମ୍ମାନଜନକ ଜୀବନଧାରଣକୁ ସରକାର ସର୍ବଦା ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବାଲେଶ୍ୱର ରିଜର୍ଭ ପୁଲିସ ପଡ଼ିଆଠାରେ ଆୟୋଜିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୫ ଲକ୍ଷ ୫ ହଜାର ୮୧୭ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନା ଅଧୀନରେ ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭତ୍ତା ପାଇଁ ଦୀର୍ଘଦିନର ଅପେକ୍ଷା ଓ ଅସୁବିଧା ଦୂର କରିବା ଲାଗି ପ୍ରଶାସନିକ ବ୍ୟବସ୍ଥାରେ ସଂସ୍କାର ଅଣାଯାଇ ଭତ୍ତା ପ୍ରଦାନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ସରଳ ଓ ସୁଗମ କରାଯାଇଛି। ଚଳିତ ବଜେଟରେ ମଧୁବାବୁ ପେନସନ୍ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ସରକାର ଘୋଷଣା କରିଥିଲେ। ଆଜି ତାହା ବାସ୍ତବ ରୂପ ନେଇଛି। ଆଗାମୀ ଦିନରେ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପୂର୍ବରୁ ୩୬ ଲକ୍ଷ ୭୫ ହଜାର ହିତାଧିକାରୀ ଭତ୍ତା ପାଉଥିଲେ। ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇ ୪୧ ଲକ୍ଷ ୮୦ ହଜାର ୮୨୫ରେ ପହଁଞ୍ଚିଛି। ଏଥିସହ ଭତ୍ତା ପାଇବା ପାଇଁ ଅନଲାଇନ୍‌ରେ ବ୍ୟବସ୍ଥା

କରାଯାଇଛି। ଘରେ ରହି ଜନସେବା କେନ୍ଦ୍ର ମାଧ୍ୟମରେ ହିତାଧିକାରୀ ଆବେଦନ କରିପାରିବେ। ଆବେଦନ ମଞ୍ଜୁର ହେବାର ପରବର୍ତ୍ତୀ ମାସରୁ ଯୋଗ୍ୟ ହିତାଧିକାରୀଙ୍କୁ ସିଧାସଳଖ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- V/O -

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ– ୟୁ.ପି.ଏମ୍.ପି.ର ଉଦ୍‌ଘାଟନ କରିଛନ୍ତି। ସପ୍ତାହକ ମଧ୍ୟରେ ଜିଲ୍ଲାର ଅନ୍ୟାନ୍ୟ ହିତାଧିକାରୀଙ୍କୁ ବ୍ଲକସ୍ତରରେ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

Desk

ମାଣ୍ଡିଆ ଦିବସ

ଶ୍ରୀଅନ୍ନ ବା ମିଲେଟ୍‌କୁ ପ୍ରୋତ୍ସାହନ ଦେବା ତଥା ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟରେ ନଭେମ୍ବର ୧୦ ତାରିଖ ଆଜିର ଦିନକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧକ୍ରମେ ମିଳିତ ଜାତିସଂଘ ଗତ ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲେ। ଶ୍ରୀଅନ୍ନ ପ୍ରତି

ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ପଦକ୍ଷେପ ନିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ମାଣ୍ଡିଆ ଓଡ଼ିଶାର ଗୌରବ, କୃଷକ ଭାଇଭଉଣୀଙ୍କ ପରିଶ୍ରମର ଫଳ ଏବଂ ଆମ ପାରମ୍ପରିକ ଖାଦ୍ୟ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମାଣ୍ଡିଆର ପ୍ରଚାର ପ୍ରସାର କରି ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁଭେଚ୍ଛା ଜଣାଇ କହିଛନ୍ତି, ମାଣ୍ଡିଆ ହେଉଛି ପୋଷଣ, ପରମ୍ପରା ଓ ଚାଷୀଙ୍କ ସମୃଦ୍ଧିର ପ୍ରତୀକ ।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଦୁଇଦିନିଆ ପଞ୍ଚମ ମାଣ୍ଡିଆ ଦିବସ ସମ୍ମିଳନୀକୁ ରାଜ୍ୟପାଳ ବ୍ରଜମୋହନ ରାମ ଶୁଭାରମ୍ଭ କରିଛନ୍ତି । ଭାରତୀୟ କୃଷି ପରମ୍ପରାରେ 'ଶ୍ରୀଅନ୍ନ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷ କରି ଓଡ଼ିଶାର ଜନଜାତି ଲୋକଙ୍କ ଜୀବନ, ପ୍ରକୃତି ଓ ପରମ୍ପରା ସହ ଏହା ଜଡ଼ିତ । ମାଣ୍ଡିଆ ଦିବସ ପାଳନ କୃଷକଙ୍କ ଆୟବୃଦ୍ଧି ସହ ରାଜ୍ୟର ସମୃଦ୍ଧ କୃଷି ପରମ୍ପରାକୁ ସଂରକ୍ଷିତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି ।

- V/O -

ପ୍ରଥମ ଦିନରେ ଏମ୍.ଏସ୍.ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ପକ୍ଷରୁ କୃଷି ଜୈବବିବିଧତା ସଂରକ୍ଷଣ ଏବଂ ଭୂପ୍ରଜାତି ବିହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଶୀର୍ଷକ ଅଧିବେଶନ ଆୟୋଜିତ ହେଉଛି। ଚଳିତ ବର୍ଷ ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀଭିତ୍ତିକ ବିହନ ବ୍ୟବସ୍ଥା ଏବଂ କୃଷି ଜୈବବିବିଧତା ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏଥିରେ ଦେଶ ଓ ବିଦେଶର ପ୍ରମୁଖ ଅନୁଷ୍ଠାନଗୁଡ଼ିକର ସହଯୋଗରେ ୫ଟି ବୈଷୟିକ ଅଧିବେଶନ କରାଯିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଏବଂ ଏମ୍.ଏସ୍.ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷ ଯୋଗ ଦେଇଛନ୍ତି।

Desk

ବିଶ୍ୱ ବିଜ୍ଞାନ ଦିବସ

ସମାଜରେ ଶାନ୍ତି ଏବଂ ବିକାଶ ପାଇଁ ବିଜ୍ଞାନର ଉପଯୋଗିତା ପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟନେଇ ଆଜି ବିଶ୍ୱ ବିଜ୍ଞାନ ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୟୁନେସ୍କୋ ପକ୍ଷରୁ ୨୦୦୧ ମସିହାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରିଥିଲା । ୨୦୦୨ ମସିହାରୁ ନଭେମ୍ବର ୧୦ ତାରିଖକୁ ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ଭାବେ ପାଳନ

କରାଯାଇ ଆସୁଛି । ଚଳିତବର୍ଷ ବିଜ୍ଞାନ କୂଟନୀତି ମାଧ୍ୟମରେ ସାଧାରଣ କ୍ଷେତ୍ର ପ୍ରସଙ୍ଗ ଆଧାରରେ ଏହି ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ବିଜ୍ଞାନ ଯୁବପିଢ଼ିଙ୍କ ମନରେ ନୂତନ ପ୍ରେରଣା ଜାଗ୍ରତ କରିବା ସହ ଏକ ଉନ୍ନତ ଓ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ମାର୍ଗପ୍ରଶସ୍ତ କରୁଛି। ବୈଜ୍ଞାନିକ ଅନୁସନ୍ଧାନ, ନବସୃଜନ ଓ ଆବିଷ୍କାରର ଭାବନାକୁ ଉତ୍ସବଭାବେ ପାଳନ କରିବା ପାଇଁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

BDK

ଆଇନ ସଚେତନତା ଶିବିର

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଯୋଗଦେଇ ସୁରକ୍ଷିତ ଶୈଶବ, ମହିଳା ଓ ଶିଶୁଙ୍କ ପାଇଁ ଉପଲବ୍ଧ ଆଇନ ସହାୟତା, ଶିଶୁ ଶ୍ରମ, ଶିଶୁ ନିର୍ଯାତନା ଏବଂ ବାଲ୍ୟବିବାହ ନିରାକରଣ, ସାମାଜିକ ଅବହେଳିତ ଓ ଆର୍ଥିକ ଅନଗ୍ରସରଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରାଧିକରଣର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ହେବା ସହ ପଞ୍ଚାୟତର ହିତାଧିକାରୀମାନଙ୍କୁ ନିର୍ମାଣ ଶ୍ରମିକ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା।

Boudh

ଜନଜାତୀୟ ଗୌରବ ଦିବସ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଓ ସହିଦ୍ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ ଅଭିଯାନ ଆରମ୍ଭ ହେବ। ତୃଣମୂଳସ୍ତରରେ ଏହି ଅଭିଯାନକୁ ସଫଳ କରାଇବା ଲକ୍ଷ୍ୟ ନେଇ ଆଜି ବୌଦ୍ଧ ଜିଲ୍ଲାସ୍ତରୀୟ କର୍ମଶାଳାରେ ବିସ୍ତୃତ ଆଲୋଚନା କରାଯାଇଛି।

BDK

କାଳୀପୂଜା

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସପ୍ତାହବ୍ୟାପୀ କାଳୀପୂଜା ଅବସରରେ ଆଜି ମା' ଭଦ୍ରକାଳୀ ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆରଡ଼ିର ବାବା ଆଖଣ୍ଡମଳମଣିଙ୍କ ପୀଠରେ ଅବସ୍ଥାନ କରୁଥିବା ମା' ଶ୍ୟାମାକାଳୀ, କୁଣ୍ଡିକାଳୀ, ଦକ୍ଷିଣେଶ୍ୱରୀ କାଳୀ ଏବଂ ଚରମ୍ପାର ପ୍ରସିଦ୍ଧ ପଥରକାଳୀଙ୍କ ପୀଠରେ ସ୍ୱତନ୍ତ୍ର ନୀତିରେ ପୂଜାର୍ଚ୍ଚନା ଚାଲିଛି। ଏଥିସହ ଜିଲ୍ଲାର ୪ଟି ପୌରାଞ୍ଚଳ ଓ ୭ଟି ବ୍ଲକରେ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇଛି।

Boudh

ସୁରଭି-୨୦୨୬

ବୌଦ୍ଧ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୬’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜୟୀ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୨୮୯ ଜଣ କୃତୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Desk

ନଡ୍ଡା ଇମ୍ୁନାଇଜେସନ ଡେ

ସମୟୋଚିତ ଟୀକାକରଣ ଏବଂ ଏକ ସୁସ୍ଥ ନିରାମୟ ସମାଜ ଗଠନରେ ଟୀକାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଟୀକାକରଣ ଦିବସ ପାଳନ କରାଯାଉଛି। ଟୀକାକରଣ ବିଭିନ୍ନ ମାରାତ୍ମକ ରୋଗରୁ ରକ୍ଷା କରିଥାଏ। ଦେଶରେ ନିରନ୍ତର ଟୀକାକରଣ ଉଦ୍ୟମ ଯୋଗୁଁ ପୋଲିଓ ଏବଂ ମା’ ଓ ନବଜାତ ଶିଶୁଙ୍କ କ୍ଷେତ୍ରରେ ଟିଟାନାସ ମୂଳୋତ୍ପାଟନ ସମ୍ଭବ ହୋଇପାରିଛି ।

ଏହି ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି, ପ୍ରତ୍ୟେକଟି ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ସଠିକ୍ ସମୟରେ ସମ୍ପୂର୍ଣ୍ଣ ଟୀକାକରଣ କରି ସୁରକ୍ଷିତ ରଖିବାକୁ ସରକାର ପ୍ରତିବଦ୍ଧ ।

ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ‘ୟୁ ୱିନ୍’ ଡିଜିଟାଲ ପ୍ଲାଟଫର୍ମ ଏବଂ ମିଶନ ଇନ୍ଦ୍ରଧନୁଷ ଅଭିଯାନ ଭଳି ପଦକ୍ଷେପ ଯୋଗୁଁ ସମସ୍ତଙ୍କ ପାଖରେ ଜୀବନରକ୍ଷକ ଟୀକା ସହଜରେ ପହଞ୍ଚି ପାରୁଛି ।

Desk

ତୀରନ୍ଦାଜ ପ୍ରତିଯୋଗିତା

ମେଘାଳୟର ଶିଲଂଠାରେ ଆସନ୍ତାକାଲିଠାରୁ ଜାତୀୟ ବରିଷ୍ଠ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୧ଜଣିଆ ଦଳ ଅଂଶଗ୍ରହଣ କରିବେ ।

Desk

ପାଣିପାଗ

ଦକ୍ଷିଣ–ପୂର୍ବ ବଙ୍ଗୋପସାଗରରେ ଆସନ୍ତା ଶୁକ୍ରବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଉତ୍ତର–ପଶ୍ଚିମ ଦିଗକୁ ଗତିକରି ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ। ବର୍ତ୍ତମାନ ରାଜ୍ୟରେ ପାଗ ଶୁଖିଲା ରହିଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ କୌଣସି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହ କଟକ, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୁଳ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ନୟାଗଡ଼

ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।